ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Finance (OD)/ 286/28-04-2025**

# ମଧୁସୂଦନ ଏକାଡେମୀରେ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମତିଥି ପାଳିତ

ଭୁବନେଶ୍ୱର : ୨୮/୦୪/୨୦୨୫

ମଧୁସୂଦନ ଏକାଡେମୀରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବକ୍ତୃତା ଶୃଙ୍ଖଳା ଆୟୋଜିତ ହୋଇଥିଲା । ଡ. ଶକ୍ତିପ୍ରସାଦ ମହାନ୍ତି, ସହକାରୀ ଅଧ୍ୟାପକ, ଗୀତା ସ୍ୱୟଂଚାଳିତ ମହାବିଦ୍ୟାଳୟ ଏବଂ ଡ. ପ୍ରିୟଦର୍ଶୀ କର, ସହକାରୀ ଅଧ୍ୟାପକ, ରେଭେନ୍ସା ମହାବିଦ୍ୟାଳୟ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମଧୁବାବୁଙ୍କ ଜୀବନୀର ସ୍ମୃତିଚାରଣ କରିଥିଲେ । ପ୍ରତିଷ୍ଠାନର ବାର୍ଷିକ ପତ୍ରିକା 'ମଧୁସ୍ମୃତି-୨୦୨୫' ଉନ୍ମୋଚନ କରାଯାଇଥିଲା ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ